# ସ୍ୱାଧୀନତା ସଂଗ୍ରାମରେ ଗୋବିନ୍ଦପୁରର ଅବଦାନ

ସୁଦାମ ଚରଣ ଜେନା

ସ୍ୱାଧୀନତା ପୂର୍ବରୁ ଦେଶ ଯେ କେଉଁ ଘଡିସନ୍ଧି ମୁହୂର୍ତ୍ତରେ ଗତି କରୁଥିଲା ଅନୁଭବୀ ହିଁ ତାହାକୁ କଳନା କରିପାରିବେ । ସ୍ୱାଧୀନତାର ଏହି ପରବର୍ତ୍ତୀ ସମୟରେ କଟକ ଜିଲ୍ଲାରେ ଜଗତସିଂହପୁର ଓ ଗୋବିନ୍ଦପୁର ମିଶି ଗୋଟିଏ ନିର୍ବାଚନ ମଣ୍ଡଳୀ ଥିଲା । ପରେ ଗୋବିନ୍ଦପୁର ଗୋଟିଏ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ହୋଇଯାଇଥିଲା । ଏହି ନିର୍ବାଚନ ମଣ୍ଡଳୀର ଉତ୍ତାରଣ ପଞ୍ଚାୟତର ଛିଣ୍ଡାକୂଳ ବାବଜାଠାରେ ସଂଗ୍ରାମୀ ମୁରଲୀଧର କାନୁନ୍‌ଗୋଙ୍କର ଜନ୍ମ ହୋଇଥିଲା । ଠିକ୍ ଏହି ପଞ୍ଚାୟତ ଅନ୍ତର୍ଗତ ଅଲିଙ୍ଗ ଗ୍ରାମରେ ଶ୍ରୀ କସ୍ତୁରୀ ଚରଣ ମଲ୍ଲିକ ତିନିବର୍ଷ ସାନରେ ଜନ୍ମ ହୋଇଥିଲେ ।

ପିଲାବେଳୁ ମୁରଲୀଙ୍କଠାରେ ସେବା ମନୋଭାବ ଦେଖିବାକୁ ମିଳିଥିଲା । ସେ ୬ଷ୍ଠ ଶ୍ରେଣୀରେ ପାଠ ପଢିବା ସମୟରେ ଦେଶର ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିଲେ। ସେ ଜଗତସିଂହପୁର ବାଲିକୁଦା ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଅଧ୍ୟୟନ କରିବା ସମୟରେ ଇଂରେଜମାନଙ୍କ ବିରୁଦ୍ଧାଚରଣ କରିବା ଦ୍ୱାରା ବାଲିକୁଦାର ତତ୍କାଳୀନ ପୋଲିସ ଅଫିସରଙ୍କ ଦ୍ୱାରା ଗିରଫ ହୋଇ ସେହି ସ୍କୁଲରୁ ବିତାଡିତ ହୋଇଥିଲେ ।

ପିତା ବୈରାଗୀ ଚରଣଙ୍କର ସ୍ୱଳ୍ପ ସମ୍ପତ୍ତିରେ ପରିବାର ଚଳିବା ପାଇଁ କଷ୍ଟ ହେଉଥିଲା । ୧୯୨୧ ମସିହା ମାର୍ଚ୍ଚ ମାସ ୨୩ ତାରିଖ ଦିନ ଗାନ୍ଧିଜୀ ଓଡ଼ିଶା ଆସିଥାଆନ୍ତି। କଟକରେ କାଠଯୋଡି ନଦୀ ବାଲିରେ ଏକ ବିରାଟ ସାଧାରଣ ସଭାର ଆୟୋଜନ ହୋଇଥିଲା । ସେହି ସଭାରେ ମନୀଷୀ ଗୋପବନ୍ଧୁଙ୍କ ସଭାପତିତ୍ୱରେ ଗାନ୍ଧିଜୀଙ୍କ ଭାଷଣକୁ ଓଡ଼ିଆରେ ଅନୁବାଦ କରିପାରୁଥିବା ମୁରଲୀଧରଙ୍କ ଦାଦା, ଯେ କି ଢେଙ୍କାନାଳ ରାଜାଙ୍କର ଗୃହ ଶିକ୍ଷକ ଶ୍ରୀଯୁକ୍ତ ନୃସିଂହ ଚରଣ କାନୁନ୍‌ଗୋ ଥିଲେ, ତାହା ହିଁ ମୁରଲୀଙ୍କୁ ବିଶେଷ ଭାବେ ପ୍ରେରଣା ଦେଇଥିଲା ।

ନବକୃଷ୍ଣ ଚୌଧୁରୀଙ୍କ ନେତୃତ୍ୱରେ ୧୯୩୭ ମସିହାରେ ଆରମ୍ଭ ହେଲା ବିରାଟ କୃଷକ ଆନ୍ଦୋଳନ, ଭାଗଚାଷ ଆନ୍ଦୋଳନ ଏବଂ ଜମିଦାରୀ ଉଚ୍ଛେଦ ଓ ଜଳକର ଆନ୍ଦୋଳନ । ଏଥିରେ ମୁରଲୀଧର ଓ ତାଙ୍କ ସ୍ତ୍ରୀ ହାରାମଣୀ ସହଯୋଗ କରିବା ସହିତ ଗୌରାଙ୍ଗ ଚରଣ ଦାସ ମିଶି ତରିକୁନ୍ଦଠାରେ ଓ ତଣ୍ଡିକଣାଠାରେ ଏକ ଗୁପ୍ତ କେନ୍ଦ୍ର ସ୍ଥାପନ କରି ସମସ୍ତ ଗୁପ୍ତ ତଥ୍ୟ ଇଂରେଜମାନଙ୍କର ସଂଗ୍ରହ କରି ସଂଗ୍ରାମୀମାନଙ୍କୁ ଅବଗତ କରାଉଥିଲେ । ତରିକୁନ୍ଦର ଗୁପ୍ତ କେନ୍ଦ୍ରକୁ ନବକୃଷ୍ଣ ଚୌଧୁରୀ, ପ୍ରାଣକୃଷ୍ଣ ପଢିଆରୀ ପରିଚାଳନା କରୁଥିଲେ । ତଣ୍ଡିକଣାଠାରେ ସ୍ଥାପିତ ଗୁପ୍ତକେନ୍ଦ୍ରକୁ ନୀଳମଣି ପ୍ରଧାନ ଓ ମୁରଲୀବାବୁ ପରିଚାଳନା କରୁଥିଲେ । ତାଙ୍କୁ ସାହାଯ୍ୟ ପାଇଁ ବିଷ୍ଣୁ ଚରଣ ମୁଦାଲି, ବିଚ ଚୌଧୁରୀ, ବିଭୁତି ଆଚାର୍ଯ୍ୟ ଓ ଅଟଳ କାନୁନ୍‌ଗୋ ପ୍ରଭୃତି ଥିଲେ ।

୧୯୩୮ ମସିହା ଡିସେମ୍ବର ୩ ତାରିଖ ଦିନ ନବକୃଷ୍ଣ ଚୌଧୁରୀଙ୍କ ନେତୃତ୍ୱରେ ରାଧାନାଥ ବାବୁ ଓ ଗୌରାଙ୍ଗ ଚରଣ ଦାସ, ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଢେଙ୍କାନାଳଠାରେ ଜାତୀୟ ପତାକା ଉଡାଇ ଏକ ବିରାଟ ଶୋଭାଯାତ୍ରା କରିଥିଲେ । ସେହିବର୍ଷ ଗାନ୍ଧିଜୀ ୯ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ବାଲିଅନ୍ତା ବ୍ଲକ୍‌ଠାରେ ପଦଯାତ୍ରା କରାଇ ଥିଲେ। ଏହା ଥିଲା ପ୍ରଥମ ହରିଜନ ସମାବେଶ ।

ମୁରଲୀବାବୁଙ୍କ ଜନ୍ମସ୍ଥାନ ଉତ୍ତାରଣ ହୋଇଥିଲେ ମଧ୍ୟ ସେ ସୁନ୍ଦରଗ୍ରାମ ତାଙ୍କ ପିଉସାଙ୍କ ଘରେ ରହି ଆନ୍ଦୋଳନରେ ଯୋଗ ଦେଉଥିଲେ।

୧୯୪୨ ଭାରତଛାଡ଼ ଆନ୍ଦୋଳନ ସମୟର କଥା । ଅଗଷ୍ଟ ୯ ତାରିଖ 'କର ବା ମର' ଘଡିସନ୍ଧି ବେଳ । ଯୁବକ କସ୍ତୁରୀ ଚରଣ କଲେଜ ପାଠଛାଡ଼ି ଆନ୍ଦୋଳନରେ ଯୋଗ ଦେଇଥିଲେ । ସେ ଦଳିତ ସମାଜର ନେତା ଥିଲେ । ୧୯୩୩

ମସିହାରେ କଣ୍ଠୁରୀ ସମାଜ ସେବାରେ ନିଜକୁ ନିୟୋଜନ କଲେ । ବନ୍ୟା ସମୟରେ କଣ୍ଠୁରୀଙ୍କ କାର୍ଯ୍ୟକଳାପ ନବକୃଷ୍ଣ ବାବୁ ଦେଖିଥିଲେ ଓ ତାଙ୍କ ଉପରେ ଅତ୍ୟନ୍ତ ଖୁସି ଥିଲେ ।

୧୯୪୨ ମସିହାରେ ଯେତେବେଳେ ସ୍ୱାଧୀନତା ଆନ୍ଦୋଳନ, ସେହି ସମୟରେ କଟକରୁ ମଥୁରୀ ବାବୁ, ବ୍ରହ୍ମପୁରରୁ ଦିବାକର ପଟ୍ଟନାୟକ ଓ ଅନେକ କଂଗ୍ରେସ ନେତା ବ୍ରହ୍ମପୁର ଜେଲ୍‌ରେ ଜାତୀୟ ପତାକା ଉତ୍ତୋଳନ କରାଇ ଚାରିପଟୁ ଘେରି ରହିଥିଲେ । ଏମାନଙ୍କୁ ନବବାବୁ ଓ ବିଶ୍ୱନାଥ ଦାସ ପ୍ରଭୃତି ସାହାଯ୍ୟ କରୁଥିଲେ ।

ତଣ୍ଡିକଣାଠାରୁ ତରିକୁନ୍ଦ ଗୁପ୍ତକେନ୍ଦ୍ରକୁ ଲିଫ୍‌ଲେଟ୍ ନେଇ କଣ୍ଠୁରୀ ବାବୁଙ୍କ ସହିତ ଗୋବିନ୍ଦ ମହାନ୍ତି, ବିଭୂତି ଆଚାର୍ଯ୍ୟ, ବର୍ଷାଣି ସେନ୍‌ଗୁପ୍ତ ପ୍ରମୁଖ ସହଯୋଗ କରୁଥିଲେ । ସେଠାରେ ଏକ ସଭା କରାଯାଇ ନିଆଳି ଡାକବଙ୍ଗଳାକୁ ନିଆଁ ଲଗାଇ ପୋଡି ଦେଇଥିଲେ । ୧୯୪୬ରେ ସର୍ବାଣୀ ସେନ୍‌ଗୁପ୍ତ, ମୁରଲୀବାବୁ ଓ ଗୌରାଙ୍ଗବାବୁ ଗିରଫ ହୋଇ ଜେଲ୍ ଗଲେ । ୧୯୩୨ରୁ ୧୯୪୬ ପର୍ଯ୍ୟନ୍ତ ସେ ୫/୬ଥର ଜେଲ୍ ଯାଇଥିଲେ ।

ସେତେବେଳେ ଧୋୟା ଅଞ୍ଚଳରେ ବନ୍ୟାର ପ୍ରକୋପ । ଲୋକେ ଅକଥନୀୟ ହଇରାଣ ହରକତ ହେଉଥିଲେ । ଧୋୟା ୭୨ ମୌଜା ଲୋକଙ୍କ କଥା ଭାବି ଭାବି ମୁରଲୀ ବାବୁଙ୍କୁ ଶାନ୍ତି ମିଳୁ ନଥିଲା ।

ଚୀନ୍ ଭାରତ ଯୁଦ୍ଧ ସରି ସରି ଯାଇଥାଏ । ୧୯୬୨ ମସିହା କଥା । ଉତ୍ତାରଣ ପଞ୍ଚାୟତର ଗ୍ରୀନ୍ ଗୋଲାପଡିଆ ବିଶାଳ ଜନ ସମୁଦ୍ରରେ ପରିଣତ ହୋଇଗଲା । ସେ ଅନଶନ ଆରମ୍ଭ କଲେ, ଯାହାକି ଛିଣ୍ଡା ନଦୀ ମୁହଁକୁ ବନ୍ଦ କଲେ ୭୨ ମୌଜା ଲୋକେ ଶାନ୍ତିରେ ରହିପାରିବେ । ସେତେବେଳେ ମନ୍ତ୍ରୀ ବୀରେନ୍ ବାବୁଙ୍କୁ ଯୁବନେତା ଅଟଳ କାନୁନ୍‌ଗୋ ଓ ଅନ୍ୟ ବନ୍ଧୁମାନେ ଯାଇ ସାହାଯ୍ୟ ଭିକ୍ଷା କରିଥିଲେ । ସେ ଯାହାହେଉ ଏଥିରେ ସୁରେନ୍ଦ୍ର ପଟ୍ଟନାୟକ ଓ ପବିତ୍ର ମୋହନ ପ୍ରଧାନ ସାହାଯ୍ୟ ସହଯୋଗ କରି ଛିଣ୍ଡାନଦୀ ମୁହଁ ବନ୍ଦ କରିଥିବାରୁ ଲୋକେ ଧୋୟା ଗାନ୍ଧୀ ବୋଲି ମୁରଲୀ ବାବୁଙ୍କୁ କୁହନ୍ତି ।

ହରେକୃଷ୍ଣ ମହତାବଙ୍କ ମନ୍ତ୍ରିମଣ୍ଡଳରେ ମୁରଲୀବାବୁ ଜନକଂଗ୍ରେସ ଦଳରୁ ନିର୍ବାଚିତ ହୋଇଥିଲେ । ସେ କଟକ ଲୋକାଲ ବୋର୍ଡର ସଦସ୍ୟ ଥିଲେ । ତାଙ୍କ ରାଜନୈତିକ ଜୀବନ କଟକର ସ୍ୱରାଜ୍ୟ ଆଶ୍ରମ ଓ ରାଧାନାଥଙ୍କ ସମାଜ ଅଫିସ କାର୍ଯ୍ୟାଳୟରେ କଟିଥିଲା । କଣ୍ଠୁରୀବାବୁ ୧୯୪୮ ମସିହାଠାରୁ ପ୍ରିୟନାଥ ଦେ'ଙ୍କ ସହିତ ମିଶି ସୋସାଲିଷ୍ଟ ପାର୍ଟିରେ ଯୋଗ ଦେଇଥିଲେ । ଦେଶ ସ୍ୱାଧୀନ ହେବା ପରେ ସେ ଜଗତସିଂହପୁର ଓ ଗୋବିନ୍ଦପୁରରୁ ୪ଥର ନିର୍ବାଚିତ ହୋଇଥିଲେ । ଢେଙ୍କାନାଳଠାରେ ପ୍ରଜା ଆନ୍ଦୋଳନଠାରୁ ଆରମ୍ଭ କରି କଣ୍ଠୁରୀବାବୁ ଅନେକ ଦେଶ ହିତକର କାର୍ଯ୍ୟରେ ଯୋଗ ଦେଇଥିଲେ । ମୁରଲୀ ବାବୁଙ୍କ ୧୯୯୦ ମସିହା ନଭେମ୍ବର ୨୧ ତାରିଖରେ ମୃତ୍ୟୁବରଣ କଲେ । ତାଙ୍କ ଅନୁଜ ଭଳି କଣ୍ଠୁରୀବାବୁ ୯୩ ବର୍ଷ ବୟସରେ ମୃତ୍ୟୁବରଣ କଲେ । ସେଇ ଅମାୟିକ ବ୍ୟକ୍ତିତ୍ୱଙ୍କ ପ୍ରତି ଆମର ଗଭୀର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।

ଉତ୍ତାରଣ, କସରଦା
ଜିଲ୍ଲା– କଟକ

❖ ❖ ❖